

# ଶ୍ରୀମନ୍ଦିର ସମାଚାର


SHREE JAGANNATH TEMPLE BULLETIN

ଜୁନ୍-୨୦୨୧ JUNE - 2021

## ଶ୍ରୀଗୁଣ୍ଡିଚା ଯାତ୍ରାର ହେରାପଞ୍ଚମୀ ନୀତି

ଶ୍ରୀଗୁଣ୍ଡିଚା ଯାତ୍ରାର ହେରାପଞ୍ଚମୀ ନୀତି ଅନେକ ଦୃଷ୍ଟିରୁ ମହତ୍ତ୍ୱପୂର୍ଣ୍ଣ ଅଟେ । ଶ୍ରୀଗୁଣ୍ଡିଚା ଯାତ୍ରାର ପଞ୍ଚମୀ ତିଥି ଅର୍ଥାତ୍ ଆଷାଢ଼ ଶୁକ୍ଳ ଷଷ୍ଠୀ ତିଥିରେ ଦେବୀ ମହାଲକ୍ଷ୍ମୀଙ୍କର ମହାପ୍ରଭୁଙ୍କୁ ଭେଟିବା ନିମିତ୍ତ ଶ୍ରୀମନ୍ଦିରରୁ ଆଡ଼ପମଣ୍ଡପକୁ ବିଜେ ନୀତି ଅନୁଷ୍ଠିତ ହୁଏ ।

ପ୍ରାଚୀନ ଓଡ଼ିଆ ଭାଷାରେ ଏବଂ ହିନ୍ଦୀ ଭାଷାରେ 'ହେରା' ଶବ୍ଦର ପ୍ରୟୋଗ ଲକ୍ଷ୍ୟ କରାଯାଏ । ହିନ୍ଦୀଭାଷାର ନାଳନ୍ଦା ବିଶାଳ ଶବ୍ଦସାଗର ଅନୁସାରେ 'ହେର'/'ହେରନା'ର ଅର୍ଥ ଦେଖିବା, ଖୋଜିବା, ପରଖିବା ଆଦି । କିନ୍ତୁ ଶ୍ରୀଜଗନ୍ନାଥ ଚେତନାର ପ୍ରାମାଣିକ ଗ୍ରନ୍ଥ 'ବାମଦେବ ସଂହିତା'ର ବର୍ଣ୍ଣନ ଅନୁସାରେ 'ହରଙ୍କୁ ମନ ମଧ୍ୟରେ ଧ୍ୟାନ କରି ମହାଲକ୍ଷ୍ମୀ ଯାତ୍ରା କରିଥିବାରୁ ଏହି ଯାତ୍ରା 'ହେରାଯାତ୍ରା' ନାମରେ ପ୍ରସିଦ୍ଧ ହୋଇଛି- 'ହରଂ ଚ ମନସା କୃତ୍ୱା ହେରେତି ନାମ ଯୋଗତଃ ।'



ଦେବୀ ମହାଲକ୍ଷ୍ମୀଙ୍କର ହେରାପଞ୍ଚମୀ କୃତ୍ୟ ବିଷୟରେ ବାମଦେବ ସଂହିତାରେ ସୁନ୍ଦର ବର୍ଣ୍ଣନା ରହିଛି ଯାହା ଅନ୍ୟ ପୁରାଣରେ ପ୍ରାପ୍ତ ହୁଏ ନାହିଁ ।

ଶ୍ରୀଜଗନ୍ନାଥ ଭାଇଭଉଣୀଙ୍କ ସହ ଗୁଣ୍ଡିଚାମଣ୍ଡପକୁ ରଥରେ ବସି ଚାଲିଗଲା ପରେ ବିରହିଣୀ ମହାଲକ୍ଷ୍ମୀ ଶ୍ରୀକ୍ଷେତ୍ରେଶ୍ୱରୀ ଦେବୀ ବିମଳାଙ୍କୁ ଡାକି କହିଲେ- 'ହେ ପ୍ରିୟେ ବୟସ୍ୟେ ! ଆମ୍ଭ ପ୍ରଭୁ ଶ୍ରୀଜଗନ୍ନାଥ କରିଥିବା ବୃତ୍ତାନ୍ତ ବିଷୟରେ ତୁମ୍ଭେ ଜାଣିଅଛ । ସେ ନିଜ ଭଉଣୀଙ୍କୁ ନେଇ ରଥରେ ଚଢ଼ି ଅନ୍ୟ ଏକ ସ୍ଥାନକୁ ଯାଇଛନ୍ତି । ମହାପ୍ରଭୁ ଯିବା ବିଷୟରେ ମୋତେ କିଛି କହି ନାହାନ୍ତି । ସହଧର୍ମିଣୀ ହିସାବରେ କ'ଣ ତାଙ୍କର ମୋତେ କିଛି ଜଣାଇବା ଉଚିତ୍ ନ ଥିଲା ? ମୁଁ ତାଙ୍କର କ'ଣ ଅନିଷ୍ଟ କରିଥିଲି, ତୁମେ କହତ । ମୁଁ ପ୍ରୋଷିତଭର୍ତ୍ତୃକାର ଧର୍ମ ପାଳନ କରି ବର୍ତ୍ତମାନ ପର୍ଯ୍ୟନ୍ତ ସ୍ନାନ ମଧ୍ୟ କରିନାହିଁ । ଏକଥା ଶୁଣି ଦେବୀ ବିମଳା କହିଲେ- ହେ ପ୍ରିୟେ ତୁମ୍ଭେ ମୋ କଥା ଶୁଣ ।

'ଯଦା ଧବୋ ବାଽପି ବିବେକଶୂନ୍ୟୋଽ-
ପ୍ୟୁଚ୍ଚାଟନ ତତ୍ର ପ୍ରସିଦ୍ଧମେବ ।
ଚୂର୍ଣ୍ଣଂ ଗୃହୀତ୍ୱାଽପି ଧବୋଽପି ଯତ୍ର
ତତ୍ ପାର୍ଶ୍ୱଂ ଗଚ୍ଛ ସୁରେଶ୍ୱରି ତ୍ୱମ୍ ।।' (ବା.ସ.୧୬/୪୩)

'ଯଦି ସ୍ୱାମୀ କେବେହେଲେ ବିବେକହୀନ କର୍ମ କରିଥାନ୍ତି ତାଙ୍କ ପାଇଁ ଉଚ୍ଚାଟନ କର୍ମ କରିବା ସର୍ବତ୍ର ପ୍ରସିଦ୍ଧ ଓ ଏହା ମଧ୍ୟ ଯୁକ୍ତିଯୁକ୍ତ । ହେ ସୁରେଶ୍ୱରି ! ତୁମେ କିଛି ଉଚ୍ଚାଟନ କର୍ମୋପଯୋଗୀ ଚୂର୍ଣ୍ଣ ଗ୍ରହଣ କରି ତୁମ୍ଭ ସ୍ୱାମୀ ଥିବା ସ୍ଥଳକୁ ଗମନ କର ।' ଏହାପରେ ମହାଲକ୍ଷ୍ମୀ ଆଷାଢ଼ ଶୁକ୍ଳ ଷଷ୍ଠୀରେ ହେରାଯାତ୍ରା କରିଥିଲେ । ମହାପ୍ରଭୁ ମହାଲକ୍ଷ୍ମୀଙ୍କୁ ଦେଖି ଲଜ୍ଜା ଗ୍ରସ୍ତ ଓ ବ୍ୟତିବ୍ୟସ୍ତ ହୋଇ ରଥକୁ ଦକ୍ଷିଣାଭିମୁଖୀ କରାଇବା ପାଇଁ ଆଜ୍ଞା ଦେଲେ । 'ଶ୍ରୀମନ୍ଦିର ସ୍ୱତ୍ତ୍ୱଲିପିରେ ଉଲ୍ଲେଖ ଅଛି ଯେ ହେରାପଞ୍ଚମୀ ଦିନ ଶ୍ରୀମନ୍ଦିର ଭଣ୍ଡାର ଘରେ ବିଜେ ହୋଇଥିବା ଲକ୍ଷ୍ମୀ ଓ ଠାକୁରାଣୀଙ୍କୁ ପାଳିଆ ମହାଜନ ସେବକମାନେ ମାଜଣା କରନ୍ତି । ଏହାପରେ ବନକଲାଗି, ପାଟଶାଢ଼ି, ଅଳଙ୍କାର ଇତ୍ୟାଦି ଲାଗି ହୋଇ ବେଶ ହେବା ପରେ ପୂଜାପଣ୍ଡା ସେବକମାନଙ୍କ ଦ୍ୱାରା ପନ୍ତି ଭୋଗ ହୋଇଥାଏ । ତତ୍ପରେ ବଟବୃକ୍ଷ ତଳେ ରହିଥିବା ବିମାନକୁ ଲକ୍ଷ୍ମୀ ବିଜେ କରିଥାନ୍ତି ।

ବିମାନବଡୁ ସେବକମାନେ ବିମାନକୁ ଧାରଣ କରି ଘଣ୍ଟା କାହାଳୀ ଛତା ସହ ସିଂହଦ୍ୱାର ଦେଇ ବଡ଼ଦାଣ୍ଡରେ ନେଇ ଗୁଣ୍ଡିଚାଘର ସମ୍ମୁଖରେ ଶ୍ରୀଜଗନ୍ନାଥ ମହାପ୍ରଭୁଙ୍କ ରଥ ପାଖରେ ରଖିଥାନ୍ତି । ସେଠାରେ ପତିମହାପାତ୍ର ପ୍ରସାଦ ଲାଗି, ବନ୍ଦାପନା, ଚାମର, ଆଳତି, ଘଷା ବିଡ଼ିଆ ଓ ଦହିପତି ମଣୋହି କରାନ୍ତି । ଏ ସମୟ ମଧ୍ୟରେ ଗୁଣ୍ଡିଚା ଘରେ ଠାକୁରମାନଙ୍କ ମଧ୍ୟାହ୍ନ ଧୂପ ସରି ଶାଢ଼ି ଲାଗି ହୋଇ ଆଳତି ବଢ଼ିଥାଏ । ଆଳତି ପରେ ଶ୍ରୀଜଗନ୍ନାଥ ମହାପ୍ରଭୁଙ୍କ ବାଡ଼ରେ ପଞ୍ଚାମୃତ ମହାସ୍ନାନ ଓ ତିନି ବାଡ଼ରେ ସର୍ବାଙ୍ଗ ହୋଇ ବେଶ ବଢ଼େ । ତତ୍ପରେ ସନ୍ଧ୍ୟା ଧୂପ ଉଠି ପୂଜା ବସିଥିବା ସମୟରେ ମହାଲକ୍ଷ୍ମୀ ରଥ ପାଖରେ ନୀତି ବଢ଼ାଇ ଜଗମୋହନର ଜୟବିଜୟ ଦ୍ୱାରଠାକୁ ଆସିଥାନ୍ତି । ଶ୍ରୀଜଗନ୍ନାଥ ଶ୍ରୀଅଙ୍ଗରୁ ଆଜ୍ଞାମାଳ ଆସି ଲକ୍ଷ୍ମୀଙ୍କୁ ଦିଆଯିବା ପରେ ପୂଜାବଢ଼ି ଧୂପ ଦୀପ ଦିଆଯାଇ ଟେରା ପଡ଼େ । ଏହାପରେ ଲକ୍ଷ୍ମୀଙ୍କ ବିମାନ ଜଗମୋହନରୁ ନାକଚଣା ଦୁଆର ପାଖରେ ରହିଥାଏ । ସେଠାରେ ଭିତରଛ ମହାପାତ୍ର ଗରାବଡୁ ସେବକଙ୍କ ଠାରୁ ହାତୁଆଣି ନେଇ ବନ୍ଦାପନା ଓ ଦହିପତି ମଣୋହି କରାନ୍ତି । ଉପରୋକ୍ତ ନୀତି ଶେଷ ହେବା ପରେ ଲକ୍ଷ୍ମୀଙ୍କ ବିମାନ ଶ୍ରୀଜଗନ୍ନାଥଙ୍କ ରଥ ପାଖକୁ ନିଆଯାଇ କାଠ ଖଣ୍ଡିଏ ଭାଙ୍ଗି ନିଆଯିବା ପରେ ହେରାଗୋହିରି ସାହି ବାଟେ ଲକ୍ଷ୍ମୀଙ୍କୁ ବଡ଼ ଦେଉଳକୁ ବାହୁଡ଼ା ବିଜେରେ ଅଣାଯାଏ ।'

ଆଷାଢ଼ ଶୁକ୍ଳ ଷଷ୍ଠୀର ପରଦିନ ଅର୍ଥାତ୍ ସପ୍ତମୀରେ ରଥଗୁଡ଼ିକର ବାହୁଡ଼ା ଯାତ୍ରା ନିମିତ୍ତ ଦକ୍ଷିଣମୋଡ଼ କାର୍ଯ୍ୟକ୍ରମ ଆରମ୍ଭ ହୋଇଯାଏ ।

ଏଠାରେ ଉଲ୍ଲେଖନୀୟ ଯେ ହେରାପଞ୍ଚମୀରେ ରଥ ଭାଙ୍ଗିବା ଭଳି ଦୋଷ କରିଥିବାରୁ ମହୀୟସୀ ମହାଲକ୍ଷ୍ମୀ ଉଦ୍‌ବିଗ୍ନ ହୋଇ ଲୋକଲଜ୍ଜା ହେତୁ ବଡ଼ଦାଣ୍ଡ ବାଟେ ନ ଫେରି ଏକ ଗୋହିରି ବା ସଂକୀର୍ଣ୍ଣ ପଥ ଦେଇ ଗୋପନରେ ନିରାଡମ୍ବର ଭାବେ ବାହୁଡିବା ତାଙ୍କ ମାନସିକ ଉଦ୍‌ବେଗକୁ ସୂଚିତ କରୁଅଛି । ଗୋହିରିର ନାମ ମଧ୍ୟ ହେରାଗୋହିରି ହୋଇ ପରବର୍ତ୍ତୀ ସମୟରେ ସାହିର ରୂପ ନେଇଛି ।

● ଡକ୍ଟର ଶ୍ରୀନିବାସ ଆଚାର୍ଯ୍ୟ- ମିଶ୍ର ଲେନ୍, ମାର୍କଣ୍ଡେଶ୍ୱର ସାହି, ପୁରୀ

# ଶ୍ରୀମନ୍ଦିର ନୀତି ପରିକ୍ରମା

**ଶ୍ରୀମନ୍ଦିରରେ ଜଳକ୍ରୀଡ଼ା ଏକାଦଶୀ :**

ତା. ୬.୬.୨୧ରିଖ ରବିବାର ଦିନ ଭିତର ଚନ୍ଦନ ଯାତ୍ରାର ଦୈନନ୍ଦିନ ନୀତି ପ୍ରକାରେ ଯାତଭୋଗ ସରିଲା ପରେ, ଶ୍ରୀମଦନମୋହନ ଏବଂ ଶ୍ରୀଦେବୀ ଆଜ୍ଞାମାଳ ପାଇ ରୋହିଣୀ କୁଣ୍ଡ ନିକଟସ୍ଥ ଜଳକ୍ରୀଡା ମଣ୍ଡପକୁ ବିଜେ କରିଥିଲେ । ସେଠାରେ ଚନ୍ଦନ କୁଣ୍ଡରେ ବୁଡି, ମାଜଣା ହୋଇ ବେଶ ହେଲାପରେ ମେକାପ ସର ଘରୁ ଶୀତଳ ଭୋଗ ଆସିଥିଲା । ଭୋଗ ସରିଲାପରେ ବନ୍ଦାପନା ହୋଇ ଦିଅଁମାନେ ବାହୁଡା ବିଜେ କଲାପରେ ମଧ୍ୟାହ୍ନ ଧୂପ ଅନୁଷ୍ଠିତ ହୋଇଥିଲା । ସ୍ମରଣଯୋଗ୍ୟ ଯେ ଯେପରି ବାହାର ଚନ୍ଦନ ଯାତ୍ରା ୨୧ଦିନ ଶ୍ରୀମନ୍ଦିରରେ ଯାତ ଭୋଗ ହୋଇଥାଏ, ଭିତର ଚନ୍ଦନ ଯାତ୍ରା ୨୧ ଦିନ ମଧ୍ୟରେ କେବଳ ୪ଦିନ ଯାତଭୋଗ ଅନୁଷ୍ଠିତ ହୋଇଥାଏ । ଯଥାକ୍ରମେ- ଜଳକ୍ରୀଡା ଏକାଦଶୀ, ସାବିତ୍ରୀ ଅମାବାସ୍ୟା, ଶୀତଳ ଷଷ୍ଠୀ ଓ ରୁକ୍ମିଣୀହରଣ ଏକାଦଶୀ ଏବଂ ପ୍ରଥମ ୩ଗୋଟି ପର୍ବରେ ଶ୍ରୀମଦନମୋହନ ଓ ଶ୍ରୀଦେବୀ ବିଜେ ହେଉଥିବା ସ୍ଥଳେ ରୁକ୍ମିଣୀହରଣ ଏକାଦଶୀରେ ଶ୍ରୀଦୋଳଗୋବିନ୍ଦ ଜଳକ୍ରୀଡା ମଣ୍ଡପକୁ ବିଜେ କରିଥିଲେ ।

**ଶ୍ରୀମନ୍ଦିରରେ ସାବିତ୍ରୀ ଅମାବାସ୍ୟା ଓ ଜଳକ୍ରୀଡ଼ା :**

ତା.୧୦.୬.୨୧ରିଖ ଗୁରୁବାର ଦିନ ଜ୍ୟେଷ୍ଠ ମାସ ଅମାବାସ୍ୟା ତିଥିରେ ଶ୍ରୀମନ୍ଦିରରେ ସାବିତ୍ରୀ ବ୍ରତ ପାଳିତ ହୋଇଛି । ଶ୍ରୀମନ୍ଦିର ଭିତର ବେଢ଼ାରେ ଶ୍ରୀଭୁବନେଶ୍ୱରୀ ଦେବୀଙ୍କ ମନ୍ଦିର ବିଦ୍ୟମାନ । ଏହି ମନ୍ଦିରଟି 'ପାଞ୍ଚଶକ୍ତି ମନ୍ଦିର' ଭାବେ ବିଖ୍ୟାତ । ଶ୍ରୀମନ୍ଦିର ସ୍ୱତ୍ୱଲିପିର ଉଲ୍ଲେଖ ପ୍ରକାରେ ଏହା ଭୁବନେଶ୍ୱରୀ, ସରସ୍ୱତୀ, ଷଷ୍ଠୀ, ସାବିତ୍ରୀ ଓ ଗାୟତ୍ରୀଙ୍କ ମନ୍ଦିର । ଏହି ମନ୍ଦିରର ବାହାର ବେଢ଼ାର ଦକ୍ଷିଣ ପାର୍ଶ୍ୱରେ ଏକ କ୍ଷୁଦ୍ର କୋଠରୀରେ ଷଷ୍ଠୀ ଦେବୀ, ସାବିତ୍ରୀ ଦେବୀ ଓ ଗାୟତ୍ରୀ ଦେବୀ ପୂଜା ପାଉଛନ୍ତି । ପରମ୍ପରା ଅନୁଯାୟୀ ଏହି ଦିନ ପତିମହାପାତ୍ର ସେବକ ଦ୍ୱିପ୍ରହର ଯାଏ ଦେବୀ ସାବିତ୍ରୀଙ୍କୁ ପୂଜା କରିଥିଲେ । ତା' ପରେ ଏହି ମନ୍ଦିରର ପାଳିଆ ସେବକ ପୂଜା କରନ୍ତି । ଏହି ଦିନ ମଧ୍ୟ ଶ୍ରୀମନ୍ଦିରରେ ଶ୍ରୀବିଗ୍ରହମାନଙ୍କର 'ଜଳକ୍ରୀଡା ଉତ୍ସବ' ପାଳିତ ହୋଇଥିଲା । ଏହି ଦିନ ଦିବା ଆଲଟ ଲାଗି ଓ ଚନ୍ଦନ ଲାଗି ବଢ଼ିବା ପରେ ବେଶ ସରି ପାଣି ପଡିବା ପରେ ଶ୍ରୀମଦନମୋହନ ଭିତରକୁ ବିଜେ କରିଥିଲେ । ପଞ୍ଚୋପଚାରର ବିଧିରେ ପୂଜା ମଣୋହି ବଢ଼ିଥିଲା । ଶ୍ରୀମଦନମୋହନ ଓ ମହାଲକ୍ଷ୍ମୀ ଶ୍ରୀଜଗନ୍ନାଥଙ୍କ ଠାରୁ 'ଆଜ୍ଞାମାଳ' ପାଇବା ପରେ ହାତରେ ବିଜେ ହୋଇ, ମୁକ୍ତିମଣ୍ଡପ ତଳେ ଥିବା ପାଲିଙ୍କିରେ ବସି ଜଳକ୍ରୀଡା ମଣ୍ଡପକୁ ଯାଇଥିଲେ । ପୂର୍ବରୁ ଜଳକ୍ରୀଡା କୁଣ୍ଡରେ ସୁବାସିତ ଜଳପୂର୍ଣ୍ଣ ହୋଇ ରହିଥିଲା । ଦେବ ଓ ଦେବୀ ପାଲିଙ୍କିରୁ ଓହ୍ଲାଇ ଜଳକୁଣ୍ଡରେ ବିଜେ କରିଥିଲେ । ଏଠାରେ ପ୍ରସାଦ ଲାଗି ବଢ଼ିଥିଲା । ଚନ୍ଦନ ପାଣି ପିଚକାରୀ ବଢ଼ିବା ପରେ ସର ଘରୁ ପଣାଭୋଗ ଓ ରାଘବଦାସ ମଠର ଶୀତଳ ଭୋଗ ଛାମୁରେ ବଢ଼ାଯିବା ପରେ 'ପଞ୍ଚୋପଚାର' ବିଧିରେ ମଣୋହି ବଢ଼ିଥିଲା । ଭୋଗ ପରେ ଠାକୁର ଠାକୁରାଣୀଙ୍କୁ ଜଳରୁ ଉଠାଇ ଶ୍ରୀଅଙ୍ଗ ପୋଛା ଯିବା ପରେ ମୈଲମ ହୋଇ ମାଳଫୁଲ ଲାଗି ଓ ବେଶ ବଢ଼ି ବନ୍ଦାପନା ହୋଇଥିଲା । ଭିତରେ ମହାପ୍ରଭୁଙ୍କ ନିକଟକୁ ଛେକ ଆସିବା ପରେ, ଜଳକ୍ରୀଡାରୁ ଫେରି ଲକ୍ଷ୍ମୀ ଠାକୁରାଣୀ ଶ୍ରୀଅଙ୍ଗ ଲାଗି ହୋଇଥିଲେ ଓ ଶ୍ରୀମଦନମୋହନ ଦକ୍ଷିଣ ଘରକୁ ବିଜେ କରିଥିଲେ ।

**ଶ୍ରୀମନ୍ଦିରରେ ଶୀତଳଷଷ୍ଠୀ ଓ ଜଳକ୍ରୀଡ଼ା :**

ତା.୧୬.୬.୨୧ରିଖ ବୁଧବାର ଦିନ ଜ୍ୟେଷ୍ଠ ଶୁକ୍ଳ ଷଷ୍ଠୀ (ଶୀତଳ ଷଷ୍ଠୀ) ଉପଲକ୍ଷେ ପୂର୍ବ ପରମ୍ପରା ପ୍ରକାରେ 'ଜଳକ୍ରୀଡା'ନୀତି ସରି ମଧ୍ୟାହ୍ନ ଧୂପ, ସଂଧ୍ୟା ଆଳତି, ସଂଧ୍ୟା ଧୂପ ବଢ଼ିଲା ପରେ ଦୋଳଗୋବିନ୍ଦ ସିଂହାସନକୁ ବିଜେ କରିଥିଲେ । ମହାପ୍ରଭୁଙ୍କ ବାଡରୁ ଆଜ୍ଞାମାଳ ପାଇ ଖଟଶେଯ ଘରେ ବିଜେ ହୋଇଥିଲେ । ପରେ ଆଲଟ ଲାଗି, ଚନ୍ଦନ ଲାଗି, ବଡସିଂହାର ବେଶ, ଭୋଗ ସରି ପଞ୍ଚପାଣ୍ଡବଙ୍କ ଆଗମନକୁ ଅପେକ୍ଷା କରି ରହିଥିଲେ । ପଞ୍ଚପାଣ୍ଡବ ରଥ, ବୃଷଭ ଦ୍ୱାର ଜଗମୋହନରେ ବିଜେ



ହୋଇଥିଲେ । ସେଠାରେ ଆଜ୍ଞାମାଳ ପାଇଲା ପରେ ପଞ୍ଚପାଣ୍ଡବ ଲକ୍ଷ୍ମୀଙ୍କ ମନ୍ଦିର ଜଗମୋହନକୁ ବିଜେ କରିଥିଲେ । ପରେ ଦୋଳଗୋବିନ୍ଦ ଘଣ୍ଟ, ଛତା, କାହାଳୀ ପଟୁଆରରେ ସେଠାକୁ ବିଜେ ହୁଅନ୍ତେ ପାଣିପଡି ମେକାପ ସରଘରୁ ଶୀତଳଭୋଗ ଆସିଥିଲା । ଭିତରଚ୍ଛ ପ୍ରସାଦ ଲାଗି କଲାପରେ ପୂଜାପଣ୍ଡା ପଞ୍ଚୋପଚାରରେ ୧୧ଟି ପନ୍ତିଭୋଗକୁ ମଣୋହି କରାଇଥିଲେ । ଏହା ସରିଲା ପରେ ବନ୍ଦାପନା ବଢ଼ି ଦକ୍ଷିଣଘରକୁ ବାହୁଡ଼ା ବିଜେ ହୋଇଥିଲେ ।

**ଶ୍ରୀମନ୍ଦିରରେ ରୁକ୍ମିଣୀହରଣ ଏକାଦଶୀ ଓ ବିବାହ ମହୋତ୍ସବ:**

ତା.୨୧.୬.୨୧ରିଖ ସୋମବାର ଦିନ ଜ୍ୟେଷ୍ଠ ଶୁକ୍ଳ ଏକାଦଶୀ ଦିନ ସକାଳ ଧୂପ ପୂଜା ବସିଲା ପରେ ଦକ୍ଷିଣ ଘରେ ମଦନମୋହନ ବେଶ ହୋଇଥିଲେ । ଭୋଗ ସରିଲା ପରେ ମହାଲକ୍ଷ୍ମୀ (ଶ୍ରୀଦେବୀ) ଆଜ୍ଞାମାଳ ପାଇ ଲକ୍ଷ୍ମୀ ମନ୍ଦିର ଜଗମୋହନ ଖଟକୁ ବିଜେ ହୋଇ ସେଠାରେ ମହାସ୍ନାନ, ମାଜଣା, ବନକ ଲାଗି ଓ ଅଳଙ୍କାର ଲାଗି ହୋଇ ବେଶ ବଢ଼ିଥିଲା । ଏହି ସମୟରେ ତଢ଼ାଉ କରଣ ତାଳପତ୍ର ଓ ଲେଖନୀ ନେଇ ଉପସ୍ଥିତ ହୁଅନ୍ତେ ଭିତରଚ୍ଛ ମା'ଙ୍କ ହାତଛୁଆଁ କରି ତଢ଼ାଉଙ୍କୁ ଦେବାରେ ଲକ୍ଷ୍ମୀଙ୍କର ମନୋଭାବକୁ ଲିଖନ କରି ଜୟବିଜୟ ଦ୍ୱାର ଠାରେ ବିଜେ ହୋଇଥିବା ମଦନମୋହନଙ୍କ ନିକଟକୁ ବିପ୍ରଙ୍କ ହସ୍ତରେ ଚିଟାଉ ପ୍ରେରଣ କରିଥିଲେ । ସେଠାରେ ପୂଜାପଣ୍ଡା, ପୁରାଣପଣ୍ଡା, ପାଳିଆଖୁଣ୍ଟିଆ



ଉପସ୍ଥିତ ରହି ବଚନିକା ପାଠ କରି ମଦନମୋହନ ରଥରେ ବିଜେ ହୋଇ ବିମଳାଙ୍କ ମନ୍ଦିର ନିକଟରେ ଅପେକ୍ଷା କରିଥିଲେ । ମହାଲକ୍ଷ୍ମୀ, ଦାସୀମାନଙ୍କ ଗହଣରେ ଗ୍ରାମଦେବୀ ମା' (ବିମଳାଙ୍କ) ପୂଜା ପାଇଁ ଭିତରକୁ ବିଜେ କରି ସେଠାରେ ପୂଜାସାରି ଫେରିବା ବାଟରେ ମଦନମୋହନ ହରଣ କରିଥିଲେ । ବାଟରେ ଶିଶୁପାଳ ରାସ୍ତା ଅବରୋଧ କରୁଥିବାରୁ ତାକୁ ଯୁଦ୍ଧରେ ପରାସ୍ତ କରି ବାନ୍ଧି ଦେଇଥିଲେ ଓ ପରେ ପରେ ବଡଭାଇ ବଳରାମ ଆସି 'ଶିଶୁପାଳ'କୁ ବନ୍ଧନମୁକ୍ତ କରିଥିଲେ ଏବଂ ମହାଲକ୍ଷ୍ମୀ, ମଦନମୋହନ ବିବାହ ମଣ୍ଡପ (ମାଜଣାମଣ୍ଡପ)କୁ ବିଜେ କରିଥିଲେ । ପରେ ଅନ୍ୟାନ୍ୟ ନୀତି ହୋଇ ସଂଧ୍ୟାଧୂପ ପୂଜା ବସିବା ମାତ୍ରେ ପତିମହାପାତ୍ର, ପୂଜାପଣ୍ଡା, ମୁଦିରସ୍ତ ଏବଂ ଭିତରଚ୍ଛ ଉପସ୍ଥିତ ରହି ସଂକଳ୍ପ ବାକ୍ୟ ପଠନ ପୂର୍ବକ ବିବାହ କାର୍ଯ୍ୟ ସମାପନ କରିବା ପରେ ଉଭୟ ବରକନ୍ୟା ସିଂହାସନକୁ ବିଜେ କରିଥିଲେ ।●

# ଚନ୍ଦନ ଯାତ୍ରାର ଅନ୍ତିମ ପର୍ବ ଭଉଁରୀ କୋଭିଡ୍ କଟକଣା ସହ ସମାପ୍ତ

ମାନବବାଦର ମୂର୍ତ୍ତିମନ୍ତ ପ୍ରତୀକ ସ୍ୱରୂପ ପ୍ରଭୁ ଚତୁର୍ଦ୍ଧା ମୂର୍ତ୍ତି ଧାରଣ ପୂର୍ବକ ଶ୍ରୀକ୍ଷେତ୍ରର ଶ୍ରୀମନ୍ଦିରରେ ବିରାଜମାନ କରିଅଛନ୍ତି । ତାଙ୍କର ରୀତି-ନୀତି, ଯାନି-ଯାତ୍ରା, ପର୍ବ-ପର୍ବାଣୀ ଇତ୍ୟାଦି ବିଶ୍ୱର ସମସ୍ତ ଦେବଦେବୀଙ୍କ ଠାରୁ ସ୍ୱତନ୍ତ୍ର ପରିଲକ୍ଷିତ ହୋଇଥାଏ । ସେଇଥି ପାଇଁ ହିଁ ତ ପ୍ରଭୁ ବିଶ୍ୱ ପ୍ରସିଦ୍ଧ ।

ଶ୍ରୀଜୀଉଙ୍କର ବର୍ଷକରେ ପାଳିତ ହେଉଥିବା ବିଭିନ୍ନ ଯାନିଯାତ୍ରା ମଧ୍ୟରେ 'ଦ୍ୱାଦଶ ଯାତ୍ରା' ଗୁଡ଼ିକ ଗୁରୁତ୍ୱ ବହନ କରିଥାଏ । ତନ୍ମଧ୍ୟରୁ 'ଚନ୍ଦନ ଯାତ୍ରା' ଏକ ଦୀର୍ଘକାଳୀନ ଯାତ୍ରା ଅଟେ । ଏହି ଯାତ୍ରା ବୈଶାଖ ଶୁକ୍ଳ ତୃତୀୟା (ଅକ୍ଷୟ ତୃତୀୟା) ତିଥିରୁ ଜ୍ୟେଷ୍ଠ ଶୁକ୍ଳ ଚତୁର୍ଦ୍ଦଶୀ ପର୍ଯ୍ୟନ୍ତ ଅନୁଷ୍ଠିତ ହୁଏ । ବାହାର ଚନ୍ଦନ ଓ ଭିତର ଚନ୍ଦନ ଭେଦରେ ଏହା ଦୁଇ ପ୍ରକାର । ଅକ୍ଷୟ ତୃତୀୟା ଠାରୁ ୨୧ ଦିନ ଶ୍ରୀମଦନମୋହନ, ଭୂଦେବୀ ଓ ଶ୍ରୀଦେବୀ ସୁସଜ୍ଜିତ ମଣିବିମାନରେ । ରାମ ଓ କୃଷ୍ଣ ସୁମଣ୍ଡିତ ପାଲିଙ୍କିରେ, ପାଞ୍ଚ ପାଣ୍ଡବ ନାମରେ ଆଖ୍ୟାତ ପଞ୍ଚଶମ୍ଭୁ ସ୍ୱ ସ୍ୱ ବିମାନରେ ଆରୂଢ଼ ହୋଇ ନରେନ୍ଦ୍ର ପୁଷ୍କରିଣୀକୁ ନୌବିହାର ନିମନ୍ତେ ଯାତ୍ରା କରିଥାନ୍ତି ।



ଏହି ପରିପ୍ରେକ୍ଷୀରେ ଗତ ତା. ୧୫.୫.୨୧ ରିଖ ଶନିବାର ଅକ୍ଷୟ ତୃତୀୟା ଠାରୁ ନରେନ୍ଦ୍ର ପୁଷ୍କରିଣୀରେ ୨ଟି ଚାପ ସୁସଜ୍ଜିତ ହୋଇଥିଲା । ପ୍ରଥମ ଚାପରେ ରାମ ଓ କୃଷ୍ଣଙ୍କ ସହିତ ପଞ୍ଚ ପାଣ୍ଡବ- ଜମ୍ବେଶ୍ୱର, ଲୋକନାଥ, ମାର୍କଣ୍ଡେୟ, କପାଳମୋଚନ,




ନୀଳକଣ୍ଠ ଏବଂ ଦ୍ୱିତୀୟ ଚାପରେ ମଦନମୋହନ, ଶ୍ରୀଦେବୀ, ଭୂଦେବୀ ବିରାଜମାନ କରି ଚାପକ୍ରୀଡ଼ା କରିଥିଲେ । ପ୍ରତ୍ୟହ ଦିନ ଚାପ ଓ ରାତ୍ର ଚାପ ଅନୁଷ୍ଠିତ ହୋଇଥିଲା । ଏହି ଚାପକ୍ରୀଡ଼ା ଦୃଶ୍ୟ ଅତୀବ ଚିତ୍ତାକର୍ଷକ ଓ ମନମୁଗ୍ଧକର ଥିଲା ।

ଏଠାରେ ଉଲ୍ଲେଖ କରାଯାଇପାରେ, ତା ୩.୬.୨୧ ରିଖ ଗୁରୁବାର ଦିନ ଶ୍ରୀକ୍ଷେତ୍ରର ନରେନ୍ଦ୍ର ପୁଷ୍କରିଣୀରେ ଭଉଁରୀ ଯାତ୍ରା ଅନୁଷ୍ଠିତ ହୋଇଥିଲା । ଚଳିତ ବର୍ଷ ଭଉଁରୀ ନୀତି ସଅଳ ସମ୍ପନ୍ନ ହୋଇଥିଲା । ସକାଳ ଘ.୧୦.୫୦ମି. ସମୟରେ ରଥଖଳାକୁ 'ଆଜ୍ଞାମାଳ' ବିଜେ କରିଥିଲେ ଏବଂ ସେଠାରେ ରଥ 'ଚକା ଡେରା' ଯାଇଥିଲା । ଆଜ୍ଞାମାଳ ପାଇ ଦିଅଁ ବିମାନକୁ ବିଜେ କରିଥିଲେ । ତତ୍ପରେ ଚନ୍ଦନ ଉପଲକ୍ଷେ ବିମାନ ଉଠିଥିଲା । ମଣିବିମାନରେ ମଦନମୋହନଙ୍କ ସହ ଭୂଦେବୀ, ଶ୍ରୀଦେବୀ ବଡ଼ଦାଣ୍ଡରେ କୋଭିଡ଼୍ କଟକଣା ଯୋଗୁ ବିନା ଭକ୍ତରେ ଭଉଁରୀ ଯାତ୍ରା କରିଥିଲେ । ଶୋଭାଯାତ୍ରାର ସମ୍ମୁଖ ଭାଗରେ ପାଲିଙ୍କିରେ ରାମକୃଷ୍ଣ ଏବଂ ସର୍ବଶେଷରେ ପଞ୍ଚ ମହାଦେବଙ୍କ ବିମାନ ସାମିଲ ହୋଇଥିଲେ । ଦିନ ଚାପ ପରେ ଚନ୍ଦନ କୁଣ୍ଡରେ ଠାକୁରଙ୍କ ସ୍ନାନ ଶେଷ ହୋଇଥିଲା । ଏହାପରେ ଚନ୍ଦନ ଠାକୁରମାନଙ୍କୁ ପୋଛାପୋଛି ହୋଇ ବେଶ, ଫୁଲ ଅଳଙ୍କାର ଲାଗି ଆଦି ନୀତି ସମ୍ପନ୍ନ ହୋଇଥିଲା । ତତ୍ପରେ ଚନ୍ଦନ ମଣ୍ଡପରେ ମାଣ୍ଡୁଅ ଭୋଗ, ତିନିପଟିଆ, ଚାରିପଟିଆ ଏବଂ କେଳି ଆଦି ଭୋଗ ଖାଇ ଠାକୁରମାନେ ଭଉଁରୀ ନୌବିହାରକୁ ବାହାରିଥିଲେ । ତତ୍ପରେ ଠାକୁରମାନେ ନରେନ୍ଦ୍ର ପୁଷ୍କରିଣୀର ଚାରିକୋଣ ଏବଂ ପୁଷ୍କରିଣୀ ମଧ୍ୟଭାଗସ୍ଥିତ ଦୀପଦାଣ୍ଡି ଚାରିପାଖରେ 'ଭଉଁରୀ' ବୁଲିବା ଭଳି ଚାପ ଖେଳିଥିଲେ । ଭଉଁରୀ ନୌବିହାର ପରେ ମହାପ୍ରଭୁଙ୍କ ୨୧ ଦିନିଆ ବାହାର ଚନ୍ଦନ ଯାତ୍ରାର ଅନ୍ତିମ ପର୍ବ ଶେଷ ହୋଇଥିଲା ।

ନନ୍ଦା ଓ ଭଦ୍ରା ଚାପ ଓ ବୈଜୟନ୍ତୀ ଡଙ୍ଗା ଚନ୍ଦନ ଯାତ୍ରାରେ ସାମିଲ ହୋଇଥିଲେ । ଏହି ଦୀର୍ଘକାଳୀନ ଯାତ୍ରାକୁ ସଫଳମଣ୍ଡିତ କରିପାରିଥିବାରୁ



ନୀତି ସମ୍ପୃକ୍ତ ସେବକ, ସମସ୍ତ ସେବକ ନିଯୋଗ, ପୋଲିସ୍ ପ୍ରଶାସନ, ଜିଲ୍ଲା ପ୍ରଶାସନ ଏବଂ ଶ୍ରୀମନ୍ଦିର ପ୍ରଶାସନକୁ ଶ୍ରୀମନ୍ଦିର ମୁଖ୍ୟ ପ୍ରଶାସକ ଡଃ. କ୍ରିଷନ୍ କୁମାର ଆନ୍ତରିକ କୃତଜ୍ଞତା ଓ ଧନ୍ୟବାଦ ଅର୍ପଣ କରିଥିଲେ ।


ଶ୍ରୀମନ୍ଦିର ନାଟମନ୍ଦିରରେ ସ୍ଥାପିତ 'ହୁଣ୍ଡି'ରେ ମୁକ୍ତ ହସ୍ତରେ ଦାନ କରନ୍ତୁ । *ଶ୍ରୀମନ୍ଦିର ପ୍ରଶାସନ, ପୁରୀ*

*ପୂର୍ବ ପ୍ରକାଶିତ ଭାଗରୁ ....*

# ସ୍ୱଳ୍ପଲିପିରେ ଶ୍ରୀମନ୍ଦିର ନୀତି

## (୫୨) (ଙ) - ଚନ୍ଦନଯାତ୍ରା ଚତୁର୍ଥୀ

ଏ ଦିନ ଭୋଗ ମଣ୍ଡପ ସରିବା ପରେ ପାଳିଆ ଖୁଣ୍ଟିଆ ପଶୁପାଳକଙ୍କୁ ଆଲଟ ଲାଗି ମୈଲମ ନିମନ୍ତେ ଡାକିବ । ପାଳିଆ ପଢ଼ିଆରୀ ଭିତର ଶୋଧ କରି ଜୟ-ବିଜୟ ଦ୍ୱାର ବନ୍ଦ କରିବ । ଦକ୍ଷିଣ ଦ୍ୱାରରେ ଜଗି ବସିବ ।



ପଶୁପାଳକେ ମୈଲମକୁ ଯାଇ ସୁବାସ ଫୁଲ ଓ କର୍ପୂର ଲାଗି କରାଇବା ଉତ୍ତାରେ ଅଖଣ୍ଡ ମେକାପ ବଇଠା ଓହ୍ଲାଇବ । ପାଳିଆ ମେକାପ ଆଲଟ ଯୋଗାଇବ । ଖୁରି ନାହାକ ଖୁରି ଧରି ବସିବ । ପଶୁପାଳକେ ଦୁଇ ଖୁରି ଆଲଟ କଲାପର ପଣ୍ଡା ଆଲଟ କରିବେ । ପରେ ଅଖଣ୍ଡ ମେକାପ ବଇଠା ବସାଇବ । ପରେ ପଶୁପାଳକ ମୈଲମକୁ ଯାଇ ଘଟୁଆରୀ ଘରଠାରୁ ଘଣ୍ଟଛତା କାହାଳୀସହ ତିନିଗୋଟା ରୂପା ପିଙ୍ଗଣରେ ଚନ୍ଦନ ବିଜେ କରାଇ ଆଣି ଲାଗି କରାଇବେ । ପରେ ଅଳକା ଚଉସରା ଲାଗି ହୋଇ ବେଶ ହୋଇବେ । (ଏହା ୪୨ ଦିନ ଲାଗି ହେବେ) ପରେ ପାଣି ପଡ଼ି ଯାତ ଭୋଗ ଉଠିବ । ପରେ ଦକ୍ଷିଣ ଘର ଭୋଗ ସରିବା ଉତ୍ତାରେ ମହାଜନେ ମଦନମୋହନ ରାମକୃଷ୍ଣଙ୍କୁ ସଂହାସନକୁ ବିଜେ କରାଇବେ । ପଣ୍ଡା ଏ ଭୋଗ ପଞ୍ଚୋପଚାରରେ ମଣୋହି କରାଇବେ । ପାଣି ପଡ଼ି ପଣ୍ଡା ଆଜ୍ଞାମାଳ ଦେବା ପରେ ଗଲାଦିନ ଭଳିଆ ଠାକୁର ଠାକୁରାଣୀମାନେ ନରେନ୍ଦ୍ର ଚକଡ଼ାକୁ ବିଜେ ହୋଇବେ ଓ ଯାତ ସେହିପରି ହେବ ।

ସନ୍ଧ୍ୟାଧୂପ ପରେ ଠାକୁରଙ୍କୁ ପୁଣି ନିୟମାନୁଯାୟୀ ଆଲଟ ଲାଗି ହୋଇବ । ପରେ ପାଣି ପଡ଼ି ପଣା ଭୋଗ ହେବା ପରେ ଚନ୍ଦନ ଲାଗି ବଡ଼ ସିଂହାର ଇତ୍ୟାଦି ହେବ । ଏହି ଯାତ୍ରା ଓ ଆଲଟ ଲାଗି ୪୨ ଦିନ ହୁଏ । ବାହାର ଚନ୍ଦନ ୨୧ ଦିନ ଓ ଭିତର ଚନ୍ଦନ ୨୧ ଦିନ । ଜ୍ୟେଷ୍ଠ ଚତୁର୍ଦ୍ଦଶୀ ଯାଏ ଦୁଇଥର ଆଲଟ ଲାଗି ପ୍ରତିଦିନ ହୁଏ ।

## (୫୨) (ଚ). ଚନ୍ଦନଯାତ୍ରା : ନୀଳାଦ୍ରି ମହୋଦୟ

ବୈଶାଖ ଶୁକ୍ଳପକ୍ଷ ସପ୍ତମୀ ଦିନ ରାତ୍ର ଚନ୍ଦନ ଲାଗି ବଢ଼ିବା ଉତ୍ତାରେ ଭୋଗ ମଣ୍ଡପ ଘର ଧୋ ପଖାଳ ହୋଇ ଉନ୍ଦୁଆ ଗୋଟାଏ ବନ୍ଧା ହୁଏ । ପର୍ବଯାତ୍ରା ଯୋଗାଣିଆ କୋଠ ଭୋଗ ପାଣିଆ ଦେଇଥିବା ୧୦୮ ଗରା ପାଣି ଗରାମାନଙ୍କରେ ପୁରାଇ ସୁବାସ ଫୁଲ ପକାଇ ସରାମାନ ଘୋଡ଼ାଇ ଉନ୍ଦୁଆ ତଳେ ଧାଡ଼ି ପନ୍ତି କରି ରଖିବ । ଏ ଉତ୍ତାରେ ପଣ୍ଡା ଆସି ଚେମେଡ଼ି ପତନି ପକାଇ ଫୁଲ ଚନ୍ଦନ ଦେଇ ଜଳ ଅଧିବାସ କରାଇବେ । ତଡ଼ାଉ ଦ୍ୱାରମାନ ବନ୍ଦ କରି ମୁଦ ଦେବ ଓ ଲେଙ୍କା ପାଇକ ଜଗି ରହିବ । ଏ ଉତ୍ତାରେ ଅନ୍ୟାନ୍ୟ ନୀତିମାନ ହେବ ।

## ବୈଶାଖ ଶୁକ୍ଳ ଅଷ୍ଟମୀ

ଅଷ୍ଟମୀ ଦିନ ଭୋଗମଣ୍ଡପ ସରି ଆଲଟ ଲାଗି ସରିବା ଉତ୍ତାରେ ଭିତରେ ପାଣି ପଡ଼ି ପୂଜା ଠା' ହୋଇବ । ପରେ ଗତ ଦିନ ଅଧିବାସ ହୋଇଥିବା ଜଳଗରାମାନ ଗରାବଡୁମାନେ ବାଘ ମୁହାଁ ବାନ୍ଧି ଘଣ୍ଟ, ଛତା, କାହାଳୀ ତଳିଛୁ ପଟୁଆରରେ ଧାଡ଼ି ଥରରେ ଧାଡ଼ି ପନ୍ତି କରି ଥୋଇବେ । ପଣ୍ଡା ଆସି ସଂସ୍କାର କରି ଏ ଜଳ ଲାଗି କରାଇବେ । ଏ ଉତ୍ତାରୁ ଘଟୁଆରୀ ଘରଠାରୁ ରୂପା ପିଙ୍ଗଣ ତିନି ଗୋଟାରେ ପଣ୍ଡା, ପତି, ମୁଦିରସ୍ତେ ଚନ୍ଦନ ବିଜେ କରାଇ ଆଣି ସିଂହାସନ ଉପରେ ସଂସ୍କାର କରାଇ ପାଳିଆ ପଶୁପାଳକ ସହ ଚନ୍ଦନ ସର୍ବାଙ୍ଗ କରାଇବେ । ଏ ଉତ୍ତାରେ ଭିତର ପାଣି ପଡ଼ି ଧୋ ପଖାଳ ହୋଇ ଯାତ୍ରାଙ୍କି ଭୋଗ ଓ ମଧ୍ୟାହ୍ନ ଧୂପ ଛାମୁକୁ ଆସିବ । ଏ ଧୂପ ଉଠିଲେ ରାମକୃଷ୍ଣ ଓ ମଦନମୋହନ ଦକ୍ଷିଣ ଘର ଭୋଗ ସାରି ସିଂହାସନକୁ ବିଜେ କରିବେ । ମୁଦିରସ୍ତ ପ୍ରସାଦ ଲାଗି କରାଇବେ । ପଣ୍ଡା ଷୋଡ଼ଶ ଉପଚାରରେ ମଣୋହିଁ କରାଇବେ । ପରେ ପାଣି ପଡ଼ି ଧୋ ପଖାଳ ହୋଇ ତିନି ବାଡ଼ ବନ୍ଦାପନା ହେବାପରେ ପଣ୍ଡା ଆଜ୍ଞାମାଳ ଦେଲେ ଠାକୁର ଠାକୁରାଣୀ ଚନ୍ଦନ ଯାତ୍ରାକୁ ବିଜେ ହେବେ । ଯାତ୍ରାରୁ ଫେରି ଅନ୍ୟାନ୍ୟ ନୀତି ହେବ ।

## ବିଶେଷ ଦ୍ରଷ୍ଟବ୍ୟ

ପ୍ରଥମ ୨୧ ଦିନ ଚନ୍ଦନରେ ଦିଅଁ ନରେନ୍ଦ୍ରକୁ ବିଜେ କରନ୍ତି । ଆଉ ୨୧ ଦିନ ବାହାରକୁ ନ ଯାଇ ଭିତରେ ସବୁ ନୀତି ହୁଏ । ୪୨ ଦିନ ଆଲଟ ଲାଗି ଓ ଚନ୍ଦନ ଲାଗି ବଢ଼େ । ପଛ ୨୧ଦିନ ଦ୍ୱିପ୍ରହର ଧୂପ ଓ ଯାତ ଭୋଗ ଏକାଠି ହୁଏ ।୨୦ ଦିନରେ ଭଉଁରୀ ଯାତ ହୋଇ ରାତ୍ର ଉପ ନରେନ୍ଦ୍ରରେ ୨୧ ଘେରା ବୁଲେ । ୨୧ ଦିନରେ ଦ୍ୱିପ୍ରହର ଧୂପ, ଯାତ୍ରାଙ୍ଗୀ ଧୂପ ଏକାଠି ହୋଇ ହଳଦୀ ପାଣି ହୁଏ । ପ୍ରଥମ ଦିନ ଭଳି ଉପ କୂଳରେ ଲାଗିଲା ପର ରାମକୃଷ୍ଣ ମଦନମୋହନ ଏକାଠି ହୋଇ ହଳଦି ପାଣି ହୁଏ । ପ୍ରଥମ ଦିନ ଭଳି ଉପ କୂଳରେ ଲାଗିଲାପର ରାମକୃଷ୍ଣ ମଦନମୋହନ ଏକାଠି ହୋଇ ବନ୍ଦାପନା ହଳଦିପାଣି ପିଚିକାରୀ ଖେଳ ହୁଏ । ହଳଦି ପାଣି ଦିନ କେବଳ ଦିନ ଉପ ହୁଏ । ଭିତର ଚନ୍ଦନ ୨୧ ଦିନରେ ଜ୍ୟେଷ୍ଠ କୃଷ୍ଣ ଏକାଦଶୀ, ସାବିତ୍ରୀ ଅମାବାସ୍ୟା, ଶୀତଳ ଷଷ୍ଠୀ ଓ ରୁକ୍ମଣୀ ହରଣ ଏକାଦଶୀ ଏ ଚାରି ଦିନ ଜଳକ୍ରୀଡ଼ା ହୁଏ । (ପରେ ଲେଖା ଅଛି) ।

## (୫୩) ଶ୍ରୀନୃସିଂହ ଜନ୍ମ

ବୈଶାଖ ଶୁକ୍ଳ ଚତୁର୍ଦ୍ଦଶୀ ଦିନ ଯାତ ଭୋଗ ସରି ଦିଅଁ ଚନ୍ଦନକୁ ଯାଇସାରିବା ପରେ ମଧ୍ୟାହ୍ନ ଧୂପ ହେବ । ଚନ୍ଦନରୁ ଦିଅଁ ଫେରିବା ପରେ ହୋମପାଳିଆ ପଣ୍ଡା ଜଣେ ଶ୍ରୀଅଙ୍ଗରୁ ଆଜ୍ଞାମାଳ ନେଇ ଘଣ୍ଟ, ଛତା, କାହାଳୀ ସହ ସିଂହ ଦ୍ୱାର ଦେଇ ଦୋଳମଣ୍ଡପ ସାହି ଦେଇ ଚକ୍ର ନାରାୟଣଠାକୁ ଯାଇ ସେଠାରେ ଆଜ୍ଞାମାଳ ଦେଇ ଫେରିବେ । ଏ ଉତ୍ତାରେ ମୈଲବ ହୋଇ ଆଳତି ବଢ଼ିବା ପରେ ତିନି ବାଡ଼ରେ ପଞ୍ଚାମୃତ ମହାସ୍ନାନ ବଢ଼ିବ । ସର୍ବାଙ୍ଗ ହୋଇ ନୂଆ ଲୁଗା ଲାଗି ହୋଇ ୬ ମୂର୍ତ୍ତି ଅଳଙ୍କାର ଲାଗି ହୋଇବେ ଓ ଏହି ବେଶରେ ଖଣ୍ଡେ ଆଜ୍ଞାମାଳ ଲାଗି ହୋଇବେ । ପାଣି ପଡ଼ିବା ପରେ ସନ୍ଧ୍ୟା ଧୂପ ହେବ । ପାଣି ପଡ଼ି ଦକ୍ଷିଣ ଘରୁ ମହାଜନେ ନୃସିଂହଙ୍କୁ ସିଂହାସନକୁ ବିଜେ କରାଇବେ । ପଣ୍ଡା ଆଜ୍ଞାମାଳ ଦେବା ପରେ ମହାଜନେ ମୁକ୍ତିମଣ୍ଡପ ଉପରେ ନୃସିଂହଙ୍କୁ ଖଟୁଲିରେ ବିଜେ କରାଇବେ । ଏଠାରେ ନୃସିଂହଙ୍କ ମନ୍ଦିର ଭିତରେ ପତି ମହାପାତ୍ରେ ମହାସ୍ନାନ ପୂଜାରେ ବସିବେ ଓ ମଣ୍ଡପ ଉପରେ ବିଜେ ନୃସିଂହଙ୍କ ପାଶରେ ପଣ୍ଡା ମହାସ୍ନାନ ପୂଜା କରିବେ । ମହାସ୍ନାନ ବଢ଼ିବାପର ଉଭୟଙ୍କ ପାଶରେ ଶୀତଳ ଭୋଗ ପଞ୍ଚୋପଚାର ପୂଜାରେ ବଢ଼ିବ । ବନ୍ଦାପନା ହୋଇବା ଉତ୍ତାରେ ମହାଜନେ ହାତରେ ବିଜେ କରାଇ ଝୁଲଣମଣ୍ଡପ ତଳେ ବିମାନରେ ବିଜେ କରାଇବେ । ବିମାନବଡୁ ଆସି ନୃସିଂହଙ୍କୁ ଜଗନ୍ନାଥ ବଲ୍ଲଭକୁ ବିଜେ କରାଇବେ । ଏଠାରେ ଭୋଗ ବନ୍ଦାପନା ହୋଇ ଦେଉଳକୁ ବାହୁଡ଼ା ବିଜେ କରିବେ । ନୃସିଂହ ବିଜେ କରିଯାଇ ସାରିଲା ଉତ୍ତାରେ ଭିତରେ ଆଲଟ ଲାଗି ଓ ଅନ୍ୟାନ୍ୟ ନୀତି ହୋଇବ । ●

*ଜାଣିବା କଥା ...*

# ଅଣାକ୍ଷର

**ପ୍ରଶ୍ନ ଓ ଉତ୍ତର :**

୧. ପ୍ର - ଶ୍ରୀମନ୍ଦିରରେ 'କରୁବେଲି' କ'ଣ ?
   ଉ - ସୁଗନ୍ଧ ପୁଷ୍ପବଲ୍ଲୀ ବିଶେଷ । ସ୍ନାନ ବେଦୀରେ ଶ୍ରୀବିଗ୍ରହମାନଙ୍କର ସ୍ନାନ ପରେ କୁରୁବେଲି ଲାଗି ହୁଏ । କୁରୁବେଲି ଲଗାଇବା ଦ୍ୱାରା ସର୍ବଜନ ବଶ ହୁଅନ୍ତି ।

୨. ପ୍ର - ଶ୍ରୀମନ୍ଦିରରେ 'କୁସୁମୀ' କହିଲେ କ'ଣ ବୁଝାଯାଏ ?
   ଉ - ଶ୍ରୀମନ୍ଦିରରେ ଶ୍ରୀଜଗନ୍ନାଥଙ୍କର ଗୋଲାପୀ ରଙ୍ଗର ସୂତା ବସ୍ତ୍ର । ସେନାପଟା ଲାଗିଲେ ଏହି ବସ୍ତ୍ର ଶ୍ରୀ ଅଙ୍ଗସାରା ଗୁଡାଇ ଧଳାକନାର ଡୋରରେ ଛକ ପକାଇ ଦିଆଯାଏ । ଫଳରେ ପହଣ୍ଡି ସମୟରେ ଶ୍ରୀଅଙ୍ଗ ରକ୍ଷା ପାଇଁ ଏହା ସାଞ୍ଜୁ ଭଳି କାମ କରେ ।

୩. ପ୍ର - ଶ୍ରୀମନ୍ଦିରରେ 'କୁସୁମୀ ଚଦର' କହିଲେ କ'ଣ ବୁଝାଯାଏ ?
   ଉ - ଶ୍ରୀମନ୍ଦିରରେ ଆଷାଢ଼ ଅମାବାସ୍ୟା- ନେତ୍ରୋତ୍ସବ ଓ ନବଯୌବନ ଦର୍ଶନ ଦିନ ଯେଉଁ ଶୁକ୍ଳ ସଜ ଶ୍ରୀବିଗ୍ରହଙ୍କୁ ଲାଗି ହୁଏ, ତନ୍ମଧ୍ୟରେ କୁସୁମୀ ଚଦର ଛ'ଖଣ୍ଡ ରହିଥାଏ ।

୪. ପ୍ର - ଶ୍ରୀମନ୍ଦିରରେ 'କୂର୍ମବେଢ଼ା ପାଚେରୀ' କାହାକୁ କୁହାଯାଏ ?
   ଉ - ଶ୍ରୀମନ୍ଦିରକୁ ଦୁଇଟି ପାଚେରୀ ଘେରି ରହିଛି । ବାହାର ପାଚେରୀ ମେଘନାଦ ଓ ଭିତର ପାଚେରୀ ନାମ କୂର୍ମ ବେଢ଼ା । ଦୁଇ ପାଚେରୀ ମଧ୍ୟରେ ଦୂରତା ୧୫୦ ଫୁଟ । କୂର୍ମବେଢ଼ା ପାଚେରୀ ମଧ୍ୟରେ ଶ୍ରୀମନ୍ଦିର ଅବସ୍ଥିତ । ୧୪୭୦ ମସିହାରେ ପୁରୁଷୋତ୍ତମ ଦେବ ଏହାକୁ ନିର୍ମାଣ କରିଥିଲେ ।

୫. ପ୍ର - ଶ୍ରୀମନ୍ଦିରରେ 'କୂର୍ମବେଢ଼ା' କେଉଁଠି ଅବସ୍ଥିତ ?
   ଉ - ଶ୍ରୀଜଗନ୍ନାଥଙ୍କ ଶ୍ରୀମନ୍ଦିରର ଭିତର ବେଢ଼ା । ଏହାକୁ ଘେରି ରହିଥିବା ପାଚେରୀକୁ 'କୂର୍ମ ପାଚେରୀ' କୁହାଯାଏ ।

*●ସୌଜନ୍ୟ- ଶ୍ରୀମନ୍ଦିର ଶବ୍ଦକୋଷ- ଶ୍ରୀଜଗନ୍ନାଥ ଗବେଷଣା ପ୍ରତିଷ୍ଠାନ, ଭୁବନେଶ୍ୱର*

## ଇଷ୍ଟ ଇଣ୍ଡିଆ କମ୍ପାନୀ ଅମଳରେ ରଥଯାତ୍ରା ଏବଂ ମନ୍ଦିର ସଂପର୍କୀତ ସଂବାଦ

ଇଷ୍ଟ ଇଣ୍ଡିଆ କମ୍ପାନୀ ଶାସନ କାଳରେ ପୁରୀ ରଥଯାତ୍ରାର ବିବରଣୀ ନିମ୍ନରେ ପ୍ରଦତ୍ତ କରାଗଲା ।

### (୧) ୧୮୦୫ ମସିହା ପୁରୀ ରଥଯାତ୍ରା

ଗଭର୍ଣ୍ଣର ଜେନେରାଲ୍‌ଙ୍କ ସାମରିକ ସଚିବ ମେଜର 'ଶ'ଙ୍କୁ ଲେଫ୍‌ଟେନାଣ୍ଟ କର୍ଣ୍ଣେଲ୍ ହାରକୋର୍ଟଙ୍କ ପତ୍ର, ଜୁଲାଇ - ୧୮୦୫ ।

''ନିର୍ଦ୍ଦିଷ୍ଟ ସମୟରେ ମୁଁ ପାଗୋଡ଼ା (ମନ୍ଦିର) ଗେଟ୍ ସାମ୍ନାରେ ପହଞ୍ଚିବା ବେଳକୁ ବିଗ୍ରହମାନଙ୍କୁ ବାହାର କରା ଯାଉଥିଲା । ଜଗନ୍ନାଥଙ୍କ ମସ୍ତକ ଫୁଲ




ଦ୍ୱାରା ଆଚ୍ଛାଦିତ କରା ଯାଇଥିଲା । ସେହି ଫୁଲରୁ କିଛି ମୋତେ,- ସମ୍ଭବତଃ କାହାର ଆଦେଶ ଅନୁଯାୟୀ ଦିଆଗଲା ।'' xxx

''ଏତେ ବହୁଳ ଯାତ୍ରୀ ସମାଗମ ମୁଁ କେବେ ଦେଖି ନଥିଲି । ଅନ୍ତତଃ ପାଞ୍ଚଲକ୍ଷ ଯାତ୍ରୀ ସମାଗମ ହୋଇଥିଲେ । ଚାରିଦିଗରେ କେବଳ ମୁଣ୍ଡମାଳ ଦେଖା ଯାଉଥିଲା । ନିୟମିତତା ଓ ଶୃଙ୍ଖଳା ରକ୍ଷା ଦେଖି ମୁଁ ଆଶ୍ଚର୍ଯ୍ୟ ହୋଇଥିଲି । କୌଣସି ପ୍ରକାର ଗଣ୍ଡଗୋଳ ବା ହିଂସାତ୍ମକ ଘଟଣା ଦେଖା ଯାଇ ନଥିଲା ।''

''ବିଗ୍ରହମାନଙ୍କୁ ରଥ ଉପରେ ଅବସ୍ଥାପିତ କରାଯାଇ ସହସ୍ର ସହସ୍ର ଲୋକଙ୍କ ଦ୍ୱାରା ଯେଉଁଭଳି ଭାବରେ ରଥ ଟଣା ଯାଉଥିଲା, ସେହି ଦୃଶ୍ୟ ଅତି ଚମତ୍କାର ଥିଲା । ପ୍ରତ୍ୟେକ ବିଗ୍ରହ ଓ ରଥ ଭିତରେ କିଛି ପରିମାଣରେ ସାମଞ୍ଜସ୍ୟ ଥିଲା । ପ୍ରତ୍ୟେକ ରଥର ଉଚ୍ଚତା ପ୍ରାୟ ୬୦ ଫୁଟ ଓ ୧୬ ଚକ ବିଶିଷ୍ଟ ଥିଲା । ରଥଗୁଡ଼ିକ ବର୍ତ୍ତମାନ ଗନ୍ତବ୍ୟ ସ୍ଥଳର ମଧ୍ୟଭାଗରେ ପହଞ୍ଚି ସାରିଲାଣି ଏବଂ ଏଗୁଡ଼ିକ ଏଭଳି ଚାରୋଟି ସ୍ଥାନରେ ରହି ଯାତ୍ରା ସଂପୂର୍ଣ୍ଣ କରିବାର ପ୍ରଚଳନ ଅଛି । ଲୋକଙ୍କ ବିଶ୍ୱାସ ଯେ, ସେ (ପ୍ରଭୁ) ତାଙ୍କ ରଥ ନିଜେ ଚଳାନ୍ତି ।' (ଅନୁବାଦିତ)

### (୨) ୧୮୦୬ ମସିହା ପୁରୀ ରଥଯାତ୍ରା

ବୁଚାନନ୍- ପତ୍ରସଂଖ୍ୟା ୧୩, 'ପ୍ଲେନ୍ ଅଫ୍ ସ୍କଲସ୍'
ଭାରତର ଜଗନ୍ନାଥ କାର୍ଯ୍ୟାଳୟର ନଥି ପୃଷ୍ଠା- ୧୭-୨୦,
ତାରିଖ- ଜୁନ ୨୦, ୧୮୦୬ ।

ମୁଁ ଏଭଳି ଏକ ଦୃଶ୍ୟ ଦେଖିଲି ଯାହାକି ମୁଁ କେବେହେଲେ ଭୁଲିପାରିବି ନାହିଁ । ଜନୈକ ତୀର୍ଥଯାତ୍ରୀ ନିଜକୁ ଠାକୁରଙ୍କ ନିକଟରେ ସମର୍ପଣ କରିବା ନିମନ୍ତେ ପ୍ରସ୍ତୁତ ହୋଇ ରହିଥିଲେ । ରଥ ପ୍ରାୟ ୨୦ ଗଜ ଆଗେଇବା ପରେ ସେ ରଥ ତଳେ ମୁହଁ ମାଡ଼ି ଶୋଇପଡ଼ିଲେ ଏବଂ ତାଙ୍କ ଉପର ଦେଇ ରଥ ଚକ ଗଡ଼ିଗଲା ଓ ସେ ମୃତ୍ୟୁ ବରଣ କଲେ । ସମସ୍ତେ ଠାକୁରଙ୍କ ଜୟଧ୍ୱନି କଲେ ଏବଂ ହଜାର ହଜାର ଲୋକ ସେହି ଶବ ଉପରେ ଚାଉଳ ଓ କଉଡ଼ି ଫିଙ୍ଗିଲେ । (ଅନୁବାଦିତ) ●



## ମହାପ୍ରଭୁଙ୍କ ଉପାସନାରେ ଢ଼ିଙ୍କି

ଢ଼ିଙ୍କି, ପିଢ଼ା, ଶିଳ, ଘୋରଣା ଓ ଏରୁଣ୍ଡିବନ୍ଧ ଭଳି ଐତିହ୍ୟ ଶବ୍ଦ ଆସ୍ତେ ଆସ୍ତେ ଭାଷାକୋଶକୁ ଚାଲିଯିବା ପରି ମନେ ହେଉଛି । ସେ ଦିନର ଦିନ ଚର୍ଯ୍ୟାର ଅପରିହାର୍ଯ୍ୟ ସହାୟିକାଗୁଡ଼ିକର ଆବଶ୍ୟକତା କମି କମି ଆସୁଛି, ତଥାପି ମହାପ୍ରଭୁଙ୍କ ଉପାସନାରେ ତା ମଧ୍ୟରୁ ଢ଼ିଙ୍କିର ମର୍ଯ୍ୟାଦା ଅତୁଟ ଅଛି ।

ଗାଁ ରେ ବି ଆଉ ଢ଼ିଙ୍କି ଦେଖିବାକୁ ମିଳୁନି, ଢ଼ିଙ୍କିରେ କୁଟିବା ବାଲା କମି କମି ଗଲେଣି । ପୁରସ୍ତମର ମଠଗୁଡ଼ିକରୁ ଦିନେ ଢ଼ିଙ୍କି ପାହାର ଶୁଭୁଥିଲା । ଖମାରରୁ ଧାନ ଆସିଲେ 'ବଗଡ଼ା' ଚାଉଳ ହେଉଥିଲା ମଠରେ । ମହାପୁରୁଙ୍କୁ ବଗଡ଼ା ଅନ୍ନ ସୁଆଦ ଲାଗେ ବୋଲି କଥା ଅଛି । ହାତଗଣତି କେତୋଟି ମଠରେ ଢ଼ିଙ୍କି ଅଛି, ବ୍ୟବହାର ହେଉନି ।




ବଡ଼ ଦେଉଳରେ ଆଜି ବି ବ୍ୟବହାର ହେଉଛି । କୋଠଭୋଗ ପିଠା ପାଇଁ ଚାଉଳଚୁନା ମଙ୍ଗଳ ଆଳତି ପାଇଁ ପିଠଉ, ଠା' ପିଢ଼ାରେ ଆବଶ୍ୟକ ହେଉଥିବା ମୁରୁଜ ଆଜି ବି ଢ଼ିଙ୍କିରେ କୁଟାଯାଉଛି ।

ମହାପୁରୁଙ୍କ ଢ଼ିଙ୍କିଶାଳ ଶ୍ରୀମନ୍ଦିର ରୋଷଶାଳକୁ ଲାଗି ରହିଛି । ଗୁଣ୍ଡିଚା ଘରେ ସେଇ ଏକା କଥା । ଏଥିପାଇଁ କାହିଁ କେଉଁକାଳୁ ସେବକ ବି ନିଯୁକ୍ତ ଅଛନ୍ତି । ବିରିବଟା ସାମର୍ଥ୍ୟ ସେବକ ଭାବରେ ପରିଚିତ ସେବକ ମହାଶୟ ଲୋକ ଲଗାଇ ଚୂନା କୁଟାଇ ଥାନ୍ତି । ନିଜେ ବି ସହଯୋଗ କରନ୍ତି । ଦୁଇଜଣ ଢ଼ିଙ୍କି ମୂଳରେ ପାଦ ଦେଇ କୁଟିବା କାମ କରିବା ବେଳେ ଢ଼ିଙ୍କିର ଆଗପଟେ ଉରାଣ୍ଡି ପାଖରେ ଜଣେ ରହନ୍ତି । ଚୂନାକୁ ଓଲଟ ପାଲଟ କରିବା ପାଇଁ । ଯାକୁ କୁହନ୍ତି ଚୂନା ଶୁଖାଉଛି । ପାଦରେ ଗୁଡ଼ିଆ ହେଇଥାଏ ଅଖା । କାଳେ ପାଦ ପଡ଼ିଯିବ, ଅହୁଣିଆ ମାରା ହୋଇଯିବ, ସେ ଦିଗକୁ ନିଘା ରଖିଥାନ୍ତି । ଶ୍ରୀମନ୍ଦିର ଢ଼ିଙ୍କିର ମାଳଖମ୍ବ ପଥରରେ ତିଆରି ।


ଐତିହ୍ୟରୁ ଜଣାଯାଏ ଆଗେ ଶ୍ରୀମନ୍ଦିରର ପଶ୍ଚିମପଟ ବାହାର ବେଢ଼ାରେ ଏକାଧିକ ଢ଼ିଙ୍କି ରହିଥିଲା । ଶ୍ରୀମନ୍ଦିର ବାହାରେ ଦକ୍ଷିଣ ଦିଗରେ ଏକ ବସ୍ତି ବସାଇ ଥିଲେ ଗଜପତି । ଧାନକୁଟି ପ୍ରଭୁଙ୍କ ଭୋଗ ପାଇଁ ଆବଶ୍ୟକ ଚାଉଳ ଯୋଗାଇବେ । ତାହା ଏବେ ଧାନକୁଟି ସାହି ଭାବରେ ପରିଚିତ ହେଉଛି, ମାତ୍ର ସେ ସେବା ଆଉ ନାହିଁ ।

●ଡକ୍ଟର ସୁରେନ୍ଦ୍ର କୁମାର ମିଶ୍ର- ଦୋଳମଣ୍ଡପ ସାହି, ହାବେଳୀ ଗଳି, ପୁରୀ-୧



ତା. ୨୧.୬.୨୧ରେ ମହାପ୍ରଭୁଙ୍କ ସେନାପଟା ଓ ବାହୁଟ ଲାଗି ନିମନ୍ତେ ସାକ୍ଷୀଗୋପାଳ ବକୁଳବନରୁ ବଉଳକାଠ ଆସି ଶ୍ରୀକ୍ଷେତ୍ରରେ ପହଞ୍ଚିଲା ।

# ଫଟୋରେ ଖବର...



ତା. ୨.୬.୨୧ରେ ରଥଖଳାଠାରେ ଶ୍ରୀମନ୍ଦିର ମୁଖ୍ୟ ପ୍ରଶାସକ ଡଃ. କ୍ରିଷନ୍ କୁମାର ଏବଂ ଶ୍ରୀମନ୍ଦିର ଉପ ମୁଖ୍ୟ ପ୍ରଶାସକ ତଥା ଜିଲ୍ଲାପାଳ ଶ୍ରୀଯୁକ୍ତ ସମର୍ଥ ବର୍ମାଙ୍କ ସହ 'ରଥ ନିର୍ମାଣ କାର୍ଯ୍ୟ'ର ସମୀକ୍ଷା କରୁଛନ୍ତି ।



ତା. ୨.୬.୨୧ରେ ଶ୍ରୀମନ୍ଦିର ପ୍ରଶାସନ ତରଫରୁ ଜେଲ ରୋଡ଼ଠାରେ ନିର୍ମାଣ ହେଉଥିବା ଭକ୍ତ ନିବାସର କାର୍ଯ୍ୟ ଅଗ୍ରଗତିକୁ ଶ୍ରୀମନ୍ଦିର ମୁଖ୍ୟ ପ୍ରଶାସକ ଡଃ. କ୍ରିଷନ କୁମାର ଶ୍ରୀମନ୍ଦିର ପ୍ରଶାସନିକ ଅଧିକାରୀମାନଙ୍କ ସହ ସମୀକ୍ଷା କରୁଛନ୍ତି ।




ତା. ୧୬.୬.୨୧ରେ ଖିମ୍‌ଜୀ ଫାଉଣ୍ଡେସନ ପକ୍ଷରୁ ଡାଇରେକ୍ଟର ମିତେଶ୍ ଖିମ୍‌ଜୀ ଦାନ ସ୍ୱରୂପ ଏକ ଆମ୍ବୁଲାନ୍ସ ଶ୍ରୀମନ୍ଦିର ମୁଖ୍ୟ ପ୍ରଶାସକ ଡଃ. କ୍ରିଷନ କୁମାରଙ୍କୁ ପ୍ରଦାନ କରୁଛନ୍ତି ।



ତା. ୧୬.୬.୨୧ ରେ ଶ୍ରୀମନ୍ଦିର ମୁଖ୍ୟ କାର୍ଯ୍ୟାଳୟ ଠାରେ ସ୍ନାନଯାତ୍ରା ପରିପ୍ରେକ୍ଷୀରେ ଶ୍ରୀମନ୍ଦିର ମୁଖ୍ୟ ପ୍ରଶାସକ ଡଃ. କ୍ରିଷନ କୁମାରଙ୍କ ଅଧ୍ୟକ୍ଷତାରେ ଦଇତାପତିଙ୍କ ସହ ବୈଠକ ।



ତା. ୨୦.୬.୨୧ରେ ଭିଡ଼ିଓ କନ୍‌ଫେରନ୍ସ ମାଧମରେ ଶ୍ରୀମନ୍ଦିର ମୁଖ୍ୟ ପ୍ରଶାସକ ଡଃ. କ୍ରିଷନ କୁମାରଙ୍କ ଅଧ୍ୟକ୍ଷତାରେ 'ଛତିଶା ନିଯୋଗ' ବୈଠକ ।



ତା. ୨୨.୬.୨୧ରେ ଚମ୍ପକ ଦ୍ୱାଦଶୀ ପରିପ୍ରେକ୍ଷୀରେ ମହାପ୍ରଭୁଙ୍କ ବିବାହ ପରେ ସେବକମାନେ ଦେବଦମ୍ପତିଙ୍କୁ ଶ୍ରୀନଅରକୁ 'ଗୁଆଲି ଯାତ୍ରା'ରେ ନେଉଛନ୍ତି ।

# ପ୍ରସ୍ତୁତି ପଥେ ମହାପ୍ରଭୁଙ୍କ ରଥ...













# ପରଂବ୍ରହ୍ମଙ୍କୁ କିଏ ପରୀକ୍ଷା କରିପାରିବ ?

'ପରଂବ୍ରହ୍ମ' ଏଇ ଶବ୍ଦକୁ ବୁଝିବା ସହଜ ନୁହେଁ । ମଜା କଥା ହେଉଛି ପରଂବ୍ରହ୍ମ ଆମରି ଭିତରେ ଥାଇ ଆମ୍ଭମାନଙ୍କର ମନବୁଦ୍ଧିକୁ ପରିଚାଳନା କରୁଛନ୍ତି । ସେ ଅଣୁଠାରୁ କ୍ଷୁଦ୍ର ଏବଂ ବୃହତ୍‌ଠାରୁ ବୃହତ୍ତର । ଭକ୍ତ କହନ୍ତି ସେ ଭଗବାନ, ଯୋଗୀମାନେ କହନ୍ତି ସେ ପରମାତ୍ମା ଏବଂ ସାଧକମାନେ କହନ୍ତି ସେ ପରଂବ୍ରହ୍ମ । ଭଗବାନ କହନ୍ତୁ ବା ପରମାତ୍ମା କହନ୍ତୁ ସେ ସଜୀବ ଦେହରେ ଥାଇ ଚଳପ୍ରଚଳ ହୋଇପାରିବେ । ମାତ୍ର ପରଂବ୍ରହ୍ମ ସୃଷ୍ଟିର ସମସ୍ତ ଜଡ଼ ଚୈତନ୍ୟ ଦେହରେ ସମପରିମାଣରେ ପୂରି ରହିଛନ୍ତି । ଆମ ପୂର୍ବପୁରୁଷ ସାଧକମାନେ ଏଇ କଥାକୁ ହୃଦୟଙ୍ଗମ କରି ଶ୍ରୀଜଗନ୍ନାଥ ମହାପ୍ରଭୁଙ୍କ ବିଗ୍ରହ ପରିକଳ୍ପନା କରିଛନ୍ତି । ସଂସାରରେ ଆତଯାତ ହେଉଥିବା କୌଣସି ପ୍ରାଣୀ ପରି ଶ୍ରୀଜଗନ୍ନାଥ ମହାପ୍ରଭୁ ନୁହନ୍ତି । ଅଥଚ ତାଙ୍କଠାରେ ସମସ୍ତ ଅବତାରଙ୍କ ସ୍ୱରୂପକୁ ଆରୋପ କରାଯାଇଛି । ସେ ପୁଣି ଆମରି ପରି ଭୋଜନ ଶୟନ ଭ୍ରମଣ ମନୋରଂଜନ କରନ୍ତି । ସେ ଚନ୍ଦନ କୁଣ୍ଡରେ ବୁଡ଼ନ୍ତି, ନରେନ୍ଦ୍ରରେ ଚାପ ଖେଳନ୍ତି, ସ୍ନାନ ମଣ୍ଡପରେ ସର୍ବଜନ ସମକ୍ଷରେ ସ୍ନାନ କରନ୍ତି । ତାଙ୍କୁ ଜର ହୁଏ । ଅଣସର ଘରେ ରହି ଔଷଧ ସେବନ କରନ୍ତି । ଏହି ସବୁ କଥା ତାନ୍ତ୍ରିକ ନାଗାନ୍ତକ ସାଧୁମାନେ ବିଶ୍ୱାସ କରନ୍ତି ନାହିଁ । ଅଷ୍ଟାଦଶ ଶତାବ୍ଦୀରେ ଲକ୍ଷ୍ମୀଭଦ୍ର ଗିରି ନାମରେ ଜଣେ ତାନ୍ତ୍ରିକ ପୁରୀ ଆସିଥିଲେ । ସେ ନାରାୟଣଙ୍କୁ ପୂଜା କରୁଥିଲେ । ଚତୁର୍ଭୁଜ ନାରାୟଣଙ୍କର ସାଧାରଣତଃ ଉପର ଦୁଇ ହସ୍ତରେ ଶଙ୍ଖଚକ୍ର ଏବଂ ତଳ ଦୁଇଭୁଜରେ ଗଦା ପଦ୍ମ ଥାଏ । ମାତ୍ର ଲକ୍ଷ୍ମୀଭଦ୍ର ଗିରିଙ୍କର ଇଷ୍ଟ ଦେବତା ନାରାୟଣଙ୍କର ଉପର ଦୁଇଭୁଜରେ ଗଦା ପଦ୍ମ ଏବଂ ତଳ ଦୁଇ ହସ୍ତରେ ଶଙ୍ଖ ଚକ୍ର ରହିଛି । ସେ ଦିନରାତି ଚବିଶ ଘଣ୍ଟା ଧୁନି ଜଳାଇ ବସିଥାନ୍ତି । ସ୍ନାନମଣ୍ଡପରେ ସର୍ବଜନ ସମକ୍ଷରେ ସୁନାକୂଅର ପାଣିରେ ସ୍ନାନ କରି ମହାପ୍ରଭୁଙ୍କୁ ଜର ହେଲା । ସେ ଅଣସର ତାଟି ମଧ୍ୟରେଏକାନ୍ତରେ ରହିଲେ । ତାଙ୍କ ପାଖରେ କେହି ରହିବେ ନାହିଁ । ତାଙ୍କ ପ୍ରିୟ ଭକ୍ତ ଦଇତାପତିମାନେ ପଥ୍ୟ ଏବଂ ଔଷଧ ସେବନ କରାଇବେ । ଲକ୍ଷ୍ମୀଭଦ୍ର ଗିରି ମହାପ୍ରଭୁଙ୍କର ଏ ପ୍ରକାର ନୀତି ନିୟମକୁ ପସନ୍ଦ କରିପାରିଲେ ନାହିଁ । ପ୍ରକୃତରେ ଅଣସର ତାଟି ଭିତରେ କ'ଣ ରହିଛି ତାହା ସ୍ୱଚକ୍ଷୁରେ ଦେଖିବା ପାଇଁ ଆଗ୍ରହ ପ୍ରକାଶ କଲେ । ମାତ୍ର ତାଙ୍କୁ ଅଣସର ପିଣ୍ଡିକୁ ଛାଡ଼ିବ ବା କିଏ ? ଗଜପତି ମହାରାଜାଙ୍କ ଆଦେଶ ନେଇ ସେ ତାଟିଯାଏ ଯାଇପାରିବେ ଏବଂ ତାଟିରେ ଥିବା କ୍ଷୁଦ୍ର ଜଳା ବାଟେ ଭିତରକୁ ଚାହିଁ ପାରିବେ ବୋଲି ଜାଣିବାରୁ ସେ ମହାରାଜାଙ୍କୁ ପ୍ରାର୍ଥନା କଲେ ଅଣସର ତାଟି ପାଖକୁ ଯିବା ପାଇଁ, ଦଇତାପତିଙ୍କ ସହିତ ଯିବା ପାଇଁ ଆଦେଶ ମିଳିଲା । ଦିନବେଳା ତାଟି ପାଖରେ ଠିଆ ହୋଇ ଲକ୍ଷ୍ମୀଭଦ୍ର ଗିରି ଦେଖିଲେ ଅଣସର ପିଣ୍ଡି ସଂପୂର୍ଣ୍ଣ ଅନ୍ଧକାର, ମିଞ୍ଜି ମିଞ୍ଜି ହୋଇ ଦୀପଟିଏ ଜଳୁଛି । ଲକ୍ଷ୍ମୀଭଦ୍ର ଗିରି ତନ୍ତ୍ର ସାଧନା ବଳରେ ପାରଙ୍ଗମ ଥିଲେ । ସଂଗେ ସଂଗେ ଭଅଁର ରୂପ ହୋଇ ଅଣସର ତାଟି ଜଳାରେ ଭିତରକୁ ଗଳିଗଲେ । ଆଶ୍ଚର୍ଯ୍ୟ ଚକିତ ହୋଇ ସେ ଦେଖିଲେ ଅଣସର ପିଣ୍ଡିରେ ଗୋଟିଏ ପଦ୍ମଫୁଲ ଝଲମଲ ହୋଇ ଜ୍ୟୋତି ପ୍ରସାରଣ କରୁଛି । ତା ଦେହରୁ ଅପୂର୍ବ ସୁଗନ୍ଧ ଭାସି ଆସୁଛି । ଚାରିପାଖେ ଆଠଜଣ କୁମାରୀ କନ୍ୟା ଘେରି ବସିଛନ୍ତି । ଭ୍ରମରବେଶୀ ତାନ୍ତ୍ରିକ ପଦ୍ମପୁଷ୍ପର ସୁଗନ୍ଧରେ ମୋହିତ ହୋଇ ପଦ୍ମ କେଶରରେ ବସିଗଲେ । ସଂଗେ ସଂଗେ ପଦ୍ମର ପାଖୁଡ଼ାଗୁଡ଼ିକ ମୁଦ୍ରିତ ହୋଇଗଲା । ଭ୍ରମରବେଶୀ ତାନ୍ତ୍ରିକ ଭାବିଲେ ପିତୃଦତ୍ତ ପ୍ରାଣଟିକୁ ରକ୍ଷା କରିବା ଆଉ ସମ୍ଭବ ନୁହେଁ । ଏକମନ ଏକଧ୍ୟାନରେ ସେ ଶ୍ରୀଜଗନ୍ନାଥ ମହାପ୍ରଭୁଙ୍କ ଚରଣ ତଳେ ଶରଣ ପଶିଲେ । ପ୍ରାଣ ରକ୍ଷା ପାଇଁ ପ୍ରାର୍ଥନା କଲେ । ମହାପ୍ରଭୁଙ୍କ କୃପାରୁ ପଦ୍ମ ଫୁଲଟିର ପାଖୁଡ଼ାଗୁଡ଼ିକ ଖୋଲିଗଲା ଏବଂ ଭ୍ରମରବେଶୀ ତାନ୍ତ୍ରିକ ଅଣସର ତାଟି ବାହାରେ ଆସି କଚାଡ଼ି ହୋଇ ପଡ଼ିଲେ । ତାଙ୍କ ତନ୍ତ୍ର ସାଧନାର ଅଭିମାନ ଦୂରେଇଗଲା । ତାଙ୍କର ପ୍ରାର୍ଥନା ମହାପ୍ରଭୁ ଶୁଣି ତାଙ୍କ ଜୀବନ ରକ୍ଷା କରିଥିବାରୁ ମହାପ୍ରଭୁଙ୍କ ପଦ୍ମପାଦତଳେ କୋଟି କୋଟି ପ୍ରଣାମ ଜଣାଇ ଲକ୍ଷ୍ମୀଭଦ୍ର ଗିରି ବାହାରକୁ ଆସିଲେ । ପରଂବ୍ରହ୍ମ କ'ଣ ତାହା ସେ ଆପଣାର ଅନୁଭୂତିରୁ ଜାଣିପାରିଲେ । କାହାରି ଶୁଣାକଥାରେ ଭୁଲି ନ ଯାଇ ମହାପ୍ରଭୁଙ୍କ ଲୀଳାକୁ ଅବିଶ୍ୱାସ କରିବା କେଡ଼େ ମାରାତ୍ମକ ତାହା ଆପଣା ଅନୁଭୂତିରୁ ଲକ୍ଷ୍ମୀଭଦ୍ର ଗିରି ଉତ୍ତମ ରୂପେ ହୃଦୟଙ୍ଗମ କରିପାରିଲେ । ପରଂବ୍ରହ୍ମ, ପରମାତ୍ମା, ଭଗବାନ ସୃଷ୍ଟି କର୍ତ୍ତା ଏକା ଅନେକ ନୁହନ୍ତି । ଲିଙ୍ଗାୟତି ସଂପ୍ରଦାୟର ଲକ୍ଷ୍ମୀଭଦ୍ର ଗିରି ମଠ ବା ଲଙ୍ଗୁଳି ମଠ ଏବେ ବଡ଼ ଦାଣ୍ଡରେ ରହିଛି ।



● *ଶଂକର୍ଷଣ ମଂଗରାଜ (ପୂର୍ବତନ କାର୍ଯ୍ୟକର୍ତ୍ତା, ପ୍ରସାର ଭାରତୀ) ମଙ୍ଗଳାଘାଟ ରୋଡ, ପୁରୀ-୧*

## ଜୁଲାଇ ମାସର ବିଶିଷ୍ଟ ଦିବସ

| | |
|---|---|
| ତା. ୪.୭.୨୧ ରିଖ ରବିବାର | ଶ୍ରୀମନ୍ଦିରରେ ଚକାବିଜେ, ଅନବସର ଦଶମୀ |
| ତା. ୫.୭.୨୧ ରିଖ ସୋମବାର | ଶ୍ରୀମନ୍ଦିରରେ ଖଳିଲାଗି, ଅନବସର ଏକାଦଶୀ |
| ତା. ୬.୭.୨୧ ରିଖ ମଙ୍ଗଳବାର | ଶ୍ରୀମନ୍ଦିରରେ ରାଜପ୍ରସାଦ ବିଜେ, ଅନବସର ଦ୍ୱାଦଶୀ |
| ତା. ୭.୭.୨୧ ରିଖ ବୁଧବାର | ଶ୍ରୀମନ୍ଦିରରେ ଘଣାଲାଗି, ଅନବସର ତ୍ରୟୋଦଶୀ |
| ତା. ୮.୭.୨୧ ରିଖ ଗୁରୁବାର | ଶ୍ରୀମନ୍ଦିରରେ ଅନବସର ଚତୁର୍ଦ୍ଦଶୀ |
| ତା. ୯.୭.୨୧ ରିଖ ଶୁକ୍ରବାର | ଶ୍ରୀମନ୍ଦିରରେ ନବଯୌବନ ଦର୍ଶନ ଓ ନେତ୍ରୋତ୍ସବ |
| ତା. ୧୦.୭.୨୧ ରିଖ ଶନିବାର | ଶ୍ରୀମନ୍ଦିରରେ ଅମାବାସ୍ୟା (ମଳ) ଓ ଉଭା ଯାତ୍ରା |
| ତା. ୧୧.୭.୨୧ ରିଖ ରବିବାର | ଶ୍ରୀମନ୍ଦିରରେ ରଥ ଆଜ୍ଞାମାଳ ବିଜେ |
| ତା. ୧୨.୭.୨୧ ରିଖ ସୋମବାର | ଶ୍ରୀଗୁଣ୍ଡିଚା ଯାତ୍ରା |
| ତା. ୧୬.୭.୨୧ ରିଖ ଶୁକ୍ରବାର | ଶ୍ରୀମନ୍ଦିରରେ ହେରାପଞ୍ଚମୀ ଓ ଦକ୍ଷିଣାୟନ ସଂକ୍ରାନ୍ତି |
| ତା. ୧୯.୭.୨୧ ରିଖ ସୋମବାର | ଶ୍ରୀଜୀଉଙ୍କ ସନ୍ଧ୍ୟା ଦର୍ଶନ |
| ତା. ୨୦.୭.୨୧ ରିଖ ମଙ୍ଗଳବାର | ଶ୍ରୀଜୀଉଙ୍କ ବାହୁଡ଼ା ଯାତ୍ରା ଓ ହରିଶୟନ ଏକାଦଶୀ |
| ତା. ୨୧.୭.୨୧ ରିଖ ବୁଧବାର | ଶ୍ରୀଜୀଉଙ୍କ ସୁନାବେଶ ଓ ଗରୁଡ଼ ଶୟନ |
| ତା. ୨୨.୭.୨୧ ରିଖ ଗୁରୁବାର | ଶ୍ରୀଜୀଉଙ୍କ ଅଧରପଣା |
| ତା. ୨୩.୭.୨୧ ରିଖ ଶୁକ୍ରବାର | ଶ୍ରୀଜୀଉଙ୍କ ନୀଳାଦ୍ରି ବିଜେ |

*ସୌଜନ୍ୟ-* OMC | ODISHA NEW OPPORTUNITIES

ବି.ଦ୍ର.: ପ୍ରକାଶିତ ପ୍ରବନ୍ଧଗୁଡ଼ିକରେ ଉପସ୍ଥାପିତ ମତାମତ ସମୂହ ସଂପୃକ୍ତ ଲେଖକମାନଙ୍କର ନିଜସ୍ୱ ଓ ସେଥିପାଇଁ ଶ୍ରୀମନ୍ଦିର ପ୍ରଶାସନ ଦାୟୀ ନୁହଁନ୍ତି ।

***Printed & Published by Shree Jagannath Temple Administration, Puri, Ph. : 06752-222002, Fax - 252100***
***E-mail : Jagannath.or@nic.in * Web Site : www.shreejagannatha.in***
***Printed at : Rama Press, North Gate, Puri, Mob. : 94370-22145***
*ମୂଲ୍ୟ : ଦୁଇଟଙ୍କା ମାତ୍ର*